# ୨୦୧୫ ବିଶ୍ୱ ନାଟ୍ୟ ବାର୍ତା

ଯେଉଁମାନେ ପ୍ରକୃତ ନାଟ୍ୟଗୁରୁ ସେମାନେ ନାଟକ ଥରେ ପ୍ରସ୍ତୁତ ହୋଇଗଲେ ମଂଚରୁ ଢ଼େର୍ ଦୂରରେ ଦେଖିବାକୁ ମିଳନ୍ତି । କାରଣ ନାଟକ ଗୋଟିଏ ଯନ୍ତ୍ର ପରି ଚିରାଚରିତ ଧାରାକୁ କେବଳ ପୁନରାବୃତି କରୁ ଓ ପରଂପରାକୁ ପୁର୍ନଜନ୍ମ କରୁବୋଲି ଚାହାନ୍ତି  ନାହିଁ । ସେମାନେ ଆଜିର ସ୍ପନ୍ଦନର ଉତ୍ସକୁ ଓ ଜୀବନ୍ତ ସ୍ରୋତକୁ ଖୋଜନ୍ତି, ଯାହା ନାଟ୍ୟମଂଚକୁ ଅଣଦେଖାକରି ମଣିଷ ମାନଙ୍କୁ ପୃଥିବୀର ସଙ୍ଖ୍ୟସଂଖ୍ୟକ ନକଲ କରିବାକୁ ପ୍ରବର୍ତାଇବାରେ ସାହାଯ୍ୟ କରେ□। କିନ୍ତୁ ଆମେ ନାଟୁଆମାେ. ସେଇ ନିର୍ଦ୍ଦିଷ୍ଟ କିଛିକୁ ନକଲ କରିବା ଛାଡ଼ି ଦର୍ଶକମାନଙ୍କ ମନ ଭିତରେ ଚାପି ହୋଇଥିବା କୋହକୁ ସାମନାକୁ ଆଣି, ତର୍କ ହେଉ ବୋଲି ଚାହୁଁ ।

ପ୍ରକୃତରେ ସମସ୍ତ ଲୁକାୟିତ ଇଚ୍ଛାକୁ ପରିପ୍ରକାଶ କରିବାର ସର୍ବୋକୃଷ୍ଟ ମାଧମ ହେଉଛି ନାଟକ । ଅନେକ ସମୟରେ ମୁଁ  କିଛି ଉପଦେଶ ପାଇବାକୁ ଲିଖିତ ଗଦ୍ୟ ପଢ଼େ ।  ଦିନ ଦିନ ଧରି ମୁଁ ସେଇ ଲେଖକମାନଙ୍କ କଥା ଭାବୁଛି ବୋଲି ଆବିଷ୍କାର କରେ, ଯେଉଁମାନେ ପ୍ରାୟ ଶହେ ବର୍ଷ ତଳେ ଧାର୍ମୀକ  ଢଙ୍ଗରେ  କେବଳ  ବର୍ଣ୍ଣନା କରିନାହାନ୍ତି ବରଂ ୟୁରୋପୀୟ ପ୍ରଭୁମାନଙ୍କର ଅଧପତନକୁ ସାବସ୍ତ୍ୟ କରିଛନ୍ତି, ଯାହା ଦିନେ ଆମ ସଭ୍ୟତାକୁ ଏକ ଅନ୍ଧକାର ଭିତରକୁ ଠେଲିଦେଇଥିଲା ଯେଉଁଠି ଏବେ ବି ଆଲୋକ ଆସିବାକୁ ବାକି ଅଛି । ମୁଁ ସେଇମାନଙ୍କ କଥା ଭାବୁଛି ଯଥା ଶ୍ରୀ ଫ୍ରାଂକ୍ କାଫ୍କା, ଶ୍ରୀ ଥୋମାସ ମାନନ୍ ଓ ଶ୍ରୀ ମାର୍ଶେଲ ପ୍ରାଉଷ୍ଟ । ଆଉ ଆଜିର ଶ୍ରୀ ଜନ୍ ମାକ୍ସଓଏଲ୍ ସୋଏଟ୍ଜୀଙ୍କୁ ବି ସେଇ ପ୍ରକାର ଧର୍ମଯାଜକ ପରି ମଣିଷ ବୋଲି ଗଣିବି ।

ସେମାନେ ଭାବି ନେଇଥିଲେ ଯେ – ଏ ପୃଥିବୀର ଅନ୍ତ ଆସିଯାଇଛି  । କେବଳ ଏଇ ଗ୍ରହଟି ନୁହେଁ ବରଂ ମଣିଷ ମଣିଷ ଭିତର ସମ୍ପର୍କର ଉଦାହରଣର ଶେଷ ଘଟିଛି । ସେହି ସମାଜର ଧାରା ଓ ଦ୍ୱନ୍ଦ, ଆମକୁ ଆଜି ଓ ଏଇଠି ଧକ୍କା ଦେଉଛି । ଏହି ପ୍ରକାର ପୃଥିବୀର ଧ୍ୱଂସ ପାଇବାବେଳକୁ ଆମେ ଯିଏ ରହିଗଲେ – ସିଏ ଦ୍ୱନ୍ଦ ଓ ଅପରାଧର ମୁହଁରେ ବଂଚିଛେ । ଏହା ପ୍ରତ୍ୟେକ ଦିନ ନୂଆ ନୂଆ ସ୍ଥାନକୁ ପାରୁ ପର୍ଯ୍ୟନ୍ତ, ସର୍ବଦା ଚଂଚଳ ଅବସ୍ଥାରେ ଥିବା ଗଣମାଧ୍ୟମଠୁ ଅଧିକ ବେଗରେ ବି ବ୍ୟାପିଚାଲିଛି  । ହେଲେ ଏହି ପ୍ରକାର ନିଆଁ ଖୁବ୍ ଶୀଘ୍ର

ଅଣ୍ଡା ହୋଇଯାଏ ଓ ଗଣମାଧିମରୁ ଏକଦମ୍ ହଜିଯାଏ, ଯାହାକୁ ପୁନରୁଦ୍ଧାର  କରିବା ଅସମ୍ଭବ  । ଆମେ ଅସହାୟର ଅନୁଭବ କରୁ, ଡରି ଯାଉ ଓ ସଂକୁଚିତ ହୋଇଯାଉ । ସେତେବେଳେ ଦେଖୁଯେ- ଆମେ କଠିନ ପରିଶ୍ରମ କରି ଆମ ନିଜ ପାଇଁ ତିଆରି କରିଥିବା ଦୁର୍ଗ ବା ଶକ୍ତ ପାଚେରୀ ଆମକୁ କିଛି ବି ସୁରକ୍ଷା ଦେଇ ପାରେନି । ଅପର ପକ୍ଷରେ ସେମାନେ ବେଶୀ ସୁରକ୍ଷା ଓ ଯତ୍ନ ମାଗନ୍ତି ଏବଂ ସେଥିପାଇଁ ଆମ ଜୀବନର ବଂଚିବାର ଶକ୍ତି ସବୁକୁ ସେମାନେ ବ୍ୟବହାର କରନ୍ତି ।  ଆଉ ଆମେ ନିଜର ବଳ ସଂଚୟ କରି ଆମ ଦୁଆର ଆର ପାଖେ, ଆମ ପାଚେରୀ ଭିତରେ, କିଛି ଆମ ପାଇଁ ପଡ଼ି ରହିଛି କି ନାହିଁ ଦେଖି ବି ପାରୁନା  । ଠିକ୍ ଏଇ ଅବସ୍ଥା ହିଁ ନାଟକ କାହିଁକି ଚାଲୁ ରହିବ ବା ବଂଚିରହିବା ଉଚିତ୍  ତାର ଉତ୍ତର ଦିଏ ଓ ଏଥିପାଇଁ  ଆମକୁ ଶକ୍ତି ସଂଚୟ କରିବାକୁ ହେବ ।  ଯାହା ଦେଖିବାକୁ ଏକ୍‌ଦମ୍ ମନା, ତାକୁ କ୍ଷଣିକ ପାଇଁ ହେଉ ନାଟକ ମାଧ୍ୟମରେ ନଜର ପକେଇଦେବା  ।

“ଯାହା ବୁଝିହୁଏନା  ସେ ସବୁକୁ ବୁଝିବାକୁ ଆମେ ଦୀର୍ଘ ଦିନ ବଂଚି ରହିଥିବା ପାରମ୍ପରିକ ଜ୍ଞାନର ଉଦାହରଣ ସବୁକୁ ଖୋଜୁ  । କାରଣ ଅନେକ ପ୍ରକାର ଐତିହାସିକ ଗଳ୍ପରେ ସତ୍ୟ ରହିଛି  । ସେଇଥିରୁ ସମସ୍ତ ସନ୍ଦେହର ଅନ୍ତ ହୋଇପାରେ ।” - ଏଇ ଢଙ୍ଗରେ ଶ୍ରୀ କାଫ୍‌କା ଗ୍ରନ୍ଥ ଗୁଡ଼ିକୁ ବୁଝନ୍ତି ବୋଲି ବର୍ଣ୍ଣନା କରିଛନ୍ତି । ସେହି ଶବ୍ଦରେ  ନାଟକର ସଜ୍ଞା ବର୍ଣ୍ଣନା କରିହେବ  । ଅର୍ଥାତ୍ – “ଆମେ ସେଇ ନାଟକ ଗୁଡିକ କଥା କହୁଛନ୍ତି ଯାହା – ସତ୍ୟ ଉପରେ ଆଧାରିତ ଓ ଏହା ସନ୍ଦେହର ଅନ୍ତ କରେ  ।” ମୁଁ ସମସ୍ତ ନାଟ୍ୟକର୍ମୀ ଯିଏ ମଂଚ□ ଉପରେ ତଥା ଦର୍ଶକଙ୍କ ଭିତରେ ଥାଆନ୍ତି, ସେମାନଙ୍କୁ ମୋ ହୃଦୟର ସହ ଶୁଭେଚ୍ଛା ଜଣାଉଛି  ।

---



ବାର୍ତା ଦେଇଛନ୍ତି – ଶ୍ରୀ KRZYSZTOF WARLIKOWSKI, ପୋଲାଣ୍ଡର ନାଟ୍ୟ ନିର୍ଦ୍ଦେଶକ । ଜନ୍ମ- ୧୯୬୨ । ୨୦୦୨ ମସିହାରୁ ତାଙ୍କର ଅନେକ ନାଟକ ବିଭିନ୍ନ ଦେଶର ଉତ୍ସବରେ ପ୍ରଦର୍ଶନ ହୋଇ ଚର୍ଚ୍ଚିତ ହୋଇଛି । ୨୦୦୮ରୁ ଆଜି ଯାଏଁ “ନିଉ ଥାଏଟର” (ତିଏତ୍ରେ ନଭଇ) ବୋଲି ପୋଲାଣ୍ଡ ଦେଶର ନାଟ୍ୟଦଳରେ ନିର୍ଦ୍ଦେଶକ ଭାବେ କାମ କରନ୍ତି ।

- *UNESCO-ITI ଦ୍ୱାରା ପ୍ରଚାରିତ / ଅନୁବାଦ - ସୁବୋଧ (ନାଟ୍ୟଚେତନା), ନାଟ୍ୟଗ୍ରାମ ଓ ନାଟ୍ୟଚେତନା ଦ୍ୱାରା ପ୍ରକାଶିତ*